RKSK
Rashtriya Kishor Swasthya Karyakram
ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

# ମାଧବ ଓ ମୁସ୍କାନ୍

## ମିଶି କରିବେ ସମସ୍ୟାର୍ ସମାଧାନ



ପୂର୍ବ ସଂଖ୍ୟାରେ ରାଜୁ ଧମକ ଦେଇ ରାଜେଶଙ୍କୁ ଏକୁଟିଆ ଡାକିଥିବା କଥା ଆପଣ ପଢ଼ିଥିଲେ । ଏବେ ଆଗକୁ ପଢ଼ିବା କ’ଣ ହେଲା-




ସତ ରାଜୁ, ଆମେ ତୋର ସାଙ୍ଗ ଅଟୁ, ଭଲ ସାଙ୍ଗ । କହିଲୁ ମୋତେ ତୁ କଣପାଇଁ ସ୍କୁଲ୍ ଆସୁନାହୁଁ?
ଆମକୁ କହିବୁନି ତ କାହାକୁ କହିବୁ ?
ମୁଁ ଯଦି କହିବି ତେବେ ତୁମେ ଯାଇ ସାରଙ୍କୁ କହିଦେବ । ତା'ପରେ ସମସ୍ତେ ଗାଳିଦେବେ ।
ଆମ ଉପରେ ଭରସା ରଖ । ବନ୍ଧୁତାର ରାଣ । କାହାକୁ ବି କହିବୁ ନାହିଁ ।
ସ୍କୁଲରେ ନା...... ସେ ମୋତେ......
କହ ନା ଭାଇ, କିଏ ମାରୁଛି କି ?
ନା, ମୁଁ ସ୍କୁଲ ଏଥିପାଇଁ ଯାଉନାହିଁ ଯେ ମୋତେ ଗଣିତ ବୁଝା ପଡୁନାହିଁ ।
ବାସ୍ । ଏତିକି କଥା !
ଏହା କ'ଣ ଏତେ ଛୋଟ କଥା ? ମୁଁ ଷାଣ୍ମାସିକ ପରୀକ୍ଷା ପରି ପୁଣି ଯଦି ଗଣିତରେ ଫେଲ୍ ହୋଇଯିବି ?
ତେବେ ସ୍କୁଲ ନଗଲେ କ'ଣ ପାସ ହୋଇଯିବୁ ?
ଠିକ ସମାଧାନ ନିମନ୍ତେ ସମସ୍ୟାର କାରଣ ଜାଣିବା ଜରୁରୀ ଅଟେ ।
ଛୁଞ୍ଚି ପଡ଼ିଛି ଘରେ ଆମେ ତାକୁ ଖୋଜୁଛେ ଅଗଣାରେ ।
ତା' ମାନେ ?


ତା'ର ମାନେ ଏହା ଯେ ତୋତେ ଗଣିତ କିପରି ଆସିବ ସେହି ବିଷୟରେ ଚିନ୍ତାକର, ସ୍କୁଲ ବନ୍ଦ କରନାହିଁ ।
ଚେଷ୍ଟା କରିବୁ ଯଦି ତୋତେ ବି ଆସିଯିବ ।
କିନ୍ତୁ କିପରି ?
ମୋତେ ବି ଯେବେ ଅସୁବିଧା ହୁଏ ମୁଁ ଜୁନୈଦକୁ ପଚାରିଥାଏ । ସେ ଗଣିତରେ ବହୁତ ପାରଙ୍ଗମ ।
ଜୁନୈଦ ଠାରୁ ? ମୋତେ ବୁଝାପଡ଼ିବ ନାହିଁ, ସେ ତ କେତେ କମ୍ କଥା କହୁଛି ।
ଶୁଣୁ, ତୁ ପଡ଼ିଶାଘରର ଅନୀଲ ଭାଇଙ୍କୁ ପଚାରିପାରିବୁ । ସେ ତ ଇଞ୍ଜିନିୟରିଂ ପାଇଁ ପ୍ରସ୍ତୁତି କରୁଛନ୍ତି ବୋଧେ ?
ହଁ, କିନ୍ତୁ ତାଙ୍କ ପାଖରେ ସମୟ ନଥାଏ । ସେ କୋଚିଂ ଯାଆନ୍ତି ।
କିନ୍ତୁ ମୁଁ ଦେଖିଛି, ସେ ରବିବାର ଦିନ ଗଣିତ ବୁଝାନ୍ତି ଆଉ ପ୍ରତିଥର କିଛି ନୂଆ ପ୍ରଣାଳୀରେ ପଢ଼ାନ୍ତି । ଆମେ ଯିବା ଏହି ରବିବାର ।
ଆଉ ଗୋଟେ କଥା ଶୁଣିବୁ ?
କୋଉକଥା ?
ଆମ ଖାନ୍ ସାର୍ ସ୍କୁଲ ପରେ କଠିନ ପ୍ରଶ୍ନର ଉତ୍ତର ପୁଣିଥରେ ଶିଖାଉଛନ୍ତି । ତୁ ଟିକେ ରହିକି ତାଙ୍କୁ ପଚାରିଦେବୁ ।
ହଁ, ଏଇଟା ଠିକ୍ ହେବ । କିନ୍ତୁ ଏହି ରବିବାର ଦିନ ମୁଁ ତୁମ ସହିତ ଅନୀଲ ଭାଇଙ୍କ ପାଖକୁ ଯିବି ।
ରବିବାର ଦିନ ଅନୀଲ ଭାଇ ସଡ଼କ ଉପରେ ଚିତ୍ରକରି ସାରଣୀ ବୁଝାଇଲେ । ସମସ୍ତେ ତାଙ୍କ ଚାରିପାଖରେ ଠିଆହୋଇ ଦେଖୁଥିଲେ । ବୁଝାଇବା ପରେ ଭାଇ, ରାଜୁ ଏବଂ ମୁସ୍କାନଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ଦେଲେ ।
ଭାଇ, ଆଜି ବହୁତ ସହଜରେ ବୁଝାପଡିଗଲା । ସ୍କୁଲରେ ଏହା ବହୁତ କଠିନ ଲାଗୁଥିଲା ।
ଏ ସବୁ ଗଣିତ ଏତେ ବେଶୀ କଷ୍ଟ ନୁହେଁ, ତେବେ ପ୍ରଣାଳୀ ବୁଝିବାରେ ଯାହା ସମୟ ଲାଗିଥାଏ ।



ଏବେ ପିଲାମାନେ କଥା ଦିଅ, ପ୍ରତି ରବିବାର ରାଜୁକୁ ନେଇକି ଆସିବ ।
ସେମାନେ କାହିଁକି ଆଣିବେ ? ମୁଁ ନିଜେ ଆସିଯିବି ।
ମୁଁ ଗୋଟେ ସତ କଥା କହିବି ? ସମସ୍ତେ ସାଙ୍ଗ ହୋଇ ଶିଖିବା ତ ବହୁତ ମଜା ଆସିବ ।
ଅନୀଲ ଭାଇ କ'ଣ ପ୍ରତିଥର ନୂଆ ପ୍ରଣାଳୀରେ ଶିଖାନ୍ତି ?
ହଁ, କେବେ ଦିଆସିଲି କାଠିରେ ତ କେବେ ପଥରରେ । ଖେଳ ଖେଳରେ ପ୍ରଶ୍ନର ସମାଧାନ ହୋଇଯାଏ ।
ଆଜିତ ମୋତେ ଗଣିତ ଅତି ସହଜ ଲାଗିଲା ।
ଦେଖ, ଠିକ ହେଲା ନା' ! ତୁ ଏବେ ପ୍ରତିଦିନ ସ୍କୁଲ ଆସିବୁ ।
ହଁ, ହଁ । ଏବେ ଯାଇ ବାପାଙ୍କୁ କହିବି ଯେ ମୁଁ ପ୍ରତିଦିନ ସ୍କୁଲକୁ ଯିବି ।
ଚାଲ, ଏବେ ତ ରାଜୁ ମାନିଗଲା କିନ୍ତୁ ସରିତା କାଲିଠାରୁ ସ୍କୁଲ ଆସିବ ନା ନାହିଁ ?
ଜଣାନାହିଁ ତା ମା' ତାକୁ ପଠାଇବେ କି ନାହିଁ ?
କ'ଣ ପରଦିନ ସରିତା ସ୍କୁଲ ଆସିଥିବ ?
ତା' ଘର କାମ କିଏ କରିଥିବ ?
ଜାଣିବା ପାଇଁ ପଢ଼ନ୍ତୁ ପରବର୍ତ୍ତୀ ସଂଖ୍ୟା ।

# ପଢ଼ା ଯାଇଥିବା କାହାଣୀ ଆଧାରରେ ଆମେ କିଛି ବିଷୟ ଉପରେ ଆଲୋଚନା କରିବା ।



**ସମସ୍ୟାକୁ ଜାଣିବା**

ରାଜୁ ସ୍କୁଲ ଯିବା କାହିଁକି ବନ୍ଦ କରିଦେଇଥିଲା ? ସେ କ'ଣ ଚିନ୍ତାକରି ସାଙ୍ଗମାନଙ୍କୁ ସମସ୍ୟା ବିଷୟରେ କହିଲା ?



**ବିକଳ୍ପକୁ ଖୋଜିବା**

ରାଜୁକୁ ଗଣିତ ନଆସିବା ସମସ୍ୟାର କେଉଁ କେଉଁ ବିକଳ୍ପ ସାମନାକୁ ଆସିଲା ? ରାଜୁ ବିକଳ୍ପକୁ କେଉଁ ଆଧାରରେ ବାଛିଥିଲା ?



**ସୃଜନାତ୍ମକ ଚିନ୍ତନ**

ଅନୀଲ ଭାଇ ସରଳ ଉପାୟରେ ଗଣିତ ଶିଖାଇବା ପାଇଁ କେଉଁ ପ୍ରଣାଳୀର ଉପଯୋଗ କରିଥିଲେ ?

# ମନେରଖିବାକୁ ଥିବା ମୁଖ୍ୟ ବାର୍ତ୍ତା

## ସମାଲୋଚନାମୂଳକ ଚିନ୍ତନ




- ସବୁ କୁହାଯାଉଥିବା, ଶୁଣାଯାଉଥିବା ଏବଂ ପଢ଼ାଯାଉଥିବା ବିଷୟ ଉପରେ ଆଖି ବନ୍ଦ କରି ବିଶ୍ୱାସ କରିବା ଠିକ୍ ନୁହେଁ । ଜରୁରୀ ଏହା ଯେ, ଯେ କୌଣସି ସୂଚନା, ପରିସ୍ଥିତି, କଥା କିମ୍ବା ଘଟଣା ଇତ୍ୟାଦି ବିଷୟରେ ବୁଝି ବିଚାରି ମୂଲ୍ୟାଙ୍କନ କରିବା ପରେ ହିଁ ନିଜ ରାୟ ଦେବା ଉଚିତ୍ ।
- ଏହି ପ୍ରକାରର ବିଚାର-ବିମର୍ଷ କରିବାକୁ ସମାଲୋଚନାମୂଳକ ଚିନ୍ତନ କୁହନ୍ତି ।
- ସମାଲୋଚନାମୂଳକ ଚିନ୍ତନ କ୍ଷମତାର ବିକାଶ କରିବା ସହ ଆମକୁ ମିଳୁଥିବା ସୂଚନା କିମ୍ବା ତଥ୍ୟକୁ ପରଖିବା ପାଇଁ କିଛି ଉପାୟ ଅବଲମ୍ବନ କରିବା ଦରକାର ଅଟେ । ଯେମିତିକି-
- ନିଜ ସମ୍ମୁଖରେ ଉପୁଜିଥିବା ପରିସ୍ଥିତି ବିଷୟରେ ଅଧିକ ସୂଚନା ଏକତ୍ରିତ କରିବା ।
- ଏକତ୍ରିତ ହୋଇଥିବା ସୂଚନାକୁ ଯାଞ୍ଚ କରିବା ଏବଂ ସେଥିପାଇଁ ପ୍ରମାଣ ଖୋଜିବା ।
- ବିଚାର-ବିମର୍ଷ କିମ୍ବା ଚର୍ଚ୍ଚା ସମୟରେ ଭାବନା ବଦଳରେ ତର୍କର ଉପଯୋଗ କରିବା ।
- ଏହା ଜାଣନ୍ତୁ ଯେ ସେହି ପରିସ୍ଥିତି ବା ସମସ୍ୟାକୁ ଏକାଧିକ ଉପାୟରେ ସମାଧାନ କରାଯାଇ ପାରେ ।
- ତେଣୁ ସେହି ବିଭିନ୍ନ ଉପାୟ ଗୁଡ଼ିକୁ ତୁଳନା କରି ସେଥିରୁ ସବୁଠାରୁ ଉପଯୁକ୍ତ ପନ୍ଥା କେଉଁଟା ତାହାର ମୂଲ୍ୟାଙ୍କନ କରିବା ।

## ସମସ୍ୟାର ସମାଧାନ



- ସମସ୍ୟା ଉପୁଜିବାର କୌଣସି ନା କୌଣସି କାରଣ ଥାଏ ତେଣୁ; ତାହାର ସମାଧାନ ସୃଷ୍ଟି ହେବାର କାରଣ ଅନୁରୂପ ହେବା ଦରକାର ।
- ସମସ୍ତ ସମସ୍ୟାର କୌଣସି ନା କୌଣସି ସମାଧାନ ଅବଶ୍ୟ ବାହାରିଥାଏ । କୌଣସି ସମସ୍ୟା ସ୍ଥାୟୀ ନୁହେଁ ।
- ସମସ୍ୟାର ଉଚିତ ସମାଧାନ ଖୋଜିବା ପାଇଁ ପ୍ରଥମେ ଏହାର କାରଣ ଜାଣିବା ଜରୁରୀ ଅଟେ ।
- ସମାଧାନ ସ୍ୱରୂପ ଉପଲବ୍ଧ ବିକଳ୍ପ ଉପରେ ବିଚାର କରିବା ଦରକାର । ସମସ୍ୟାର ସମାଧାନ ପାଇଁ ସୃଜନାତ୍ମକ ପ୍ରଣାଳୀରେ ଚିନ୍ତା କରିବା ଦରକାର ।
- ଯଦି ସମସ୍ୟାର ବିକଳ୍ପ ନିଜେ ଖୋଜି ପାରୁନାହାନ୍ତି ତେବେ ଅନ୍ୟର ସାହାଯ୍ୟ ନେବା ଦରକାର ।
- ସବୁ ବିକଳ୍ପ ଉପରେ ବିଚାର କରି, ସର୍ବଶ୍ରେଷ୍ଠ ବିକଳ୍ପକୁ ବାଛିବା ଦରକାର ।

## ନିର୍ଣ୍ଣୟ ନେବା



- ନିର୍ଣ୍ଣୟ ନେବା, ସମସ୍ୟା ସମାଧାନର ଏକ ମହତ୍ୱପୂର୍ଣ୍ଣ ଅଙ୍ଗ ଅଟେ । କିନ୍ତୁ ଜରୁରୀ ନୁହେଁ କି ସବୁ ନିର୍ଣ୍ଣୟ ସମସ୍ୟାର ସମାଧାନ ପାଇଁ ଜରୁରୀ ଅଟେ ।
- ନିର୍ଣ୍ଣୟ ନେବା ଏକ କୌଶଳ ଅଟେ । ପରିସ୍ଥିତିର ବିଭିନ୍ନ ଦିଗ ବିଷୟରେ ବିଚାର ବିମର୍ଷ କରି ନିର୍ଣ୍ଣୟ ନେବା ଦରକାର ।
- ତରତର ହୋଇ କୌଣସି ନିର୍ଣ୍ଣୟ ନେବା ଠିକ୍ ନୁହେଁ କିନ୍ତୁ ଏତେ ଡେରି ବି କରନ୍ତୁ ନାହିଁ । ଯାହାଦ୍ୱାରା ନିର୍ଣ୍ଣୟର କୌଣସି ଲାଭ ରହିବ ନାହିଁ ।
- ନିଜର ବୟସ, କାର୍ଯ୍ୟ, ସାମାଜିକ କିମ୍ବା ଆର୍ଥିକ ସ୍ଥିତି ପ୍ରଭାବକୁ ବିଚାର କରି ନିର୍ଣ୍ଣୟ ନେବା ଦରକାର ।
- ନିର୍ଣ୍ଣୟ ଏପରି ନିଅନ୍ତୁ ନାହିଁ ଯାହାପାଇଁ ଆମକୁ ପଛରେ ପଶ୍ଚାତାପ କରିବାକୁ ହେବ । ଏପରି ନିର୍ଣ୍ଣୟ ନିଆଯିବା ଆବଶ୍ୟକ ଯେପରି ନିଜ ନିର୍ଣ୍ଣୟ ଉପରେ ଗର୍ବ କରିହେବ ।

# ସଖୀ ସହେଲି


## ଭୂମିକା ଏବଂ ଦାୟିତ୍ୱ

- ❖ ଆଶା ଦିଦିଙ୍କ ସାହାଯ୍ୟରେ ଗାଁ ର ୧୦-୧୯ ବର୍ଷ ବୟସର ସମସ୍ତ କିଶୋର/କିଶୋରୀଙ୍କ ଏକ ଚିଠା ପ୍ରସ୍ତୁତ କରିବା ।
- ❖ ସ୍ୱାସ୍ଥ୍ୟ ଏବଂ ସଂରକ୍ଷଣ ବିଷୟରେ ଥିବା ଭ୍ରାନ୍ତଧାରଣା ଦୂର କରିବା ନିମନ୍ତେ କିଶୋର/କିଶୋରୀଙ୍କୁ ସହାୟତା କରିବା ।
- ❖ ଦରକାର ପଡିଲେ ଆଶା/ଏଏନ୍‌ଏମ୍‌ଙ୍କ ସହାୟତାରେ ଆବଶ୍ୟକୀୟ ଚିକିତ୍ସା ତଥା ସୁରକ୍ଷା ବ୍ୟବସ୍ଥା ପାଇଁ ଅନ୍ୟ ଜାଗାକୁ ସୁପାରିଶ କରିବା ।
- ❖ କିଶୋର-କିଶୋରୀମାନଙ୍କ କଥାର ଗୋପନୀୟତା ବଜାୟ ରଖିବା ।
- ❖ ପିଲା ତଥା କିଶୋର/କିଶୋରୀମାନଙ୍କ ପ୍ରତି ହେଉଥିବା ହିଂସା ଘଟଣାକୁ ପୋଲିସ ତଥା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ସୂଚୀତ କରିବା ।
- ❖ ହିଂସାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଚିକିତ୍ସା, ରକ୍ଷଣାବେକ୍ଷଣ ଏବଂ ପରାମର୍ଶ ଯୋଗାଇଦେବା ତଥା ଆଇନ୍‌ଗତ ସେବା / ପରାମର୍ଶ ନିମନ୍ତେ ସହାୟତା ପ୍ରଦାନ କରିବା ।
- ❖ ଧର୍ମ, ଜାତି, ବର୍ଗ, ଲିଙ୍ଗଗତ ତଥା ବୈବାହିକ ସ୍ଥିତି ଆଦିର ବିଚାର ନକରି ସମସ୍ତ କିଶୋର/କିଶୋରୀଙ୍କ ନିକଟରେ ପହଞ୍ଚିବା ।

**ପ୍ରଥମ ସଂଖ୍ୟା**




**ଦ୍ୱିତୀୟ ସଂଖ୍ୟା**




**ତୃତୀୟ ସଂଖ୍ୟା**




**ଚତୁର୍ଥ ସଂଖ୍ୟା**




**ପଞ୍ଚମ ସଂଖ୍ୟା**




ସଂଯୁକ୍ତ ରାଷ୍ଟ୍ର ଜନସଂଖ୍ୟା ପାଣ୍ଠି ସହାୟତାରେ ମଧ୍ୟପ୍ରଦେଶ ସରକାରଙ୍କ ଦ୍ୱାରା ରୂପାଙ୍କିତ